# ଆଧ୍ୟାତ୍ମିକ ପରିବେଶରେ ଗଡୁଛି ଅର୍ପଣ ରଥ, ସବୁଠି ଉତ୍ସାହ


ମୋହନା



ଖଲ୍ଲିକୋଟ


ଆର. ଉଦୟଗିରି


ଫୁଲବାଣୀ



କବିସୂର୍ଯ୍ୟନଗର


ଛତ୍ରପୁର


ରମ୍ଭା


ଫିରିଙ୍ଗିଆ


ବୁଗୁଡା

# ଆଜିଠୁ ଜନଜାତି, ଶୀତ ମହୋତ୍ସବ

## ନୂଆ -ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ଦାରିଙ୍ଗବାଡ଼ି, ୮।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ିରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି ଜନଜାତି ଓ ଶୀତ ମହୋତ୍ସବ ଏବଂ ନୂଆ -ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ। ଏହା ଆସନ୍ତା ରବିବାର ଉଦ୍‌ଯାପନ ହେବ। ଏଥିପାଇଁ ଦାରିଙ୍ଗବାଡ଼ି ଉତ୍ସବମୁଖର ଦେଖାଯାଇଛି। ଦାରିଙ୍ଗବାଡ଼ିର ହେଲିପ୍ୟାଡ୍ ପଡ଼ିଆରେ ମଞ୍ଚ ପ୍ରସ୍ତୁତ ହୋଇସାରିଥିବା ବେଳେ ଦାରିଙ୍ଗବାଡ଼ିର ଚାରିଛକଠାରୁ ପଡ଼ିଆ ପର୍ଯ୍ୟନ୍ତ ଆଲୋକମାଳାରେ ସୁସଜ୍ଜିତ ହୋଇସାରିଛି। ପ୍ରଥମ ୨ଦିନ ଅର୍ଥାତ୍ ବୁଧବାର ପର୍ଯ୍ୟନ୍ତ ଜନଜାତି ମହୋତ୍ସବ ଅନୁଷ୍ଠିତ ହେବାକୁ ରହିଥିବା ବେଳେ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଶୀତ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ମହୋତ୍ସବ ପାଳନ କମିଟିର ସମ୍ପାଦକ ତଥା ବିଡିଓ ଗଦାଧର ପାତ୍ର ସୂଚନା ଦେଇଛନ୍ତି | ସେ କହିଛନ୍ତି ,ଏହି ୫ଦିନ ଏବଂ ଷଷ୍ଠ ଦିନରେ ବ୍ଲକସ୍ତରୀୟ ନୂଆ -ଓ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ସଭାପତିତ୍ୱରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉଦ୍‌ଘାଟନ କରିବେ। ଏଥିରେ କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଅନ୍ୟ ଅତିଥିମାନେ ଯୋଗଦାନ କରିବେ। ସେହିପରି ଦ୍ୱିତୀୟ ଦିନରେ ଆଇନ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ଓ ଅନ୍ୟ ଅତିଥିମାନେ ଯୋଗଦାନ କରିବେ। ସେହିପରି ଗୁରୁବାର ଶୀତ ମହୋତ୍ସବର ପ୍ରଥମ ଦିନରେ ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ଓ ସମବାୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେବାକୁ ରହିଥିବା ବେଳେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା,ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେବେ। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ, ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ଏବଂ ଏସ୍‌ପି ମଞ୍ଚାସୀନ ରହିବେ। ସେହିପରି ଉଦ୍‌ଯାପନୀ ଦିବସରେ ବାଣିଜ୍ୟ ଓ ପରିବହନ ଓ ଜଳ ସମ୍ପଦ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ, କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହିବେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପ୍ରତିଷ୍ଠା ଦିବସ

ଫୁଲବାଣୀ,୮।୧(ରାକେଶ କୁମାର ରାଉତ)

ଫୁଲବାଣୀ ବନାନୀ କଳା ସଂସ୍କୃତି ଭବନରେ ରବିବାର ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ଏବଂ ଫୁଲବାଣୀ ବ୍ଲକ ଶିକ୍ଷକ ସଂଘର ନୂତନ ଭାବେ ନିର୍ବାଚିତ ପ୍ରତିନିଧିଙ୍କ ଶପଥ ପାଠ ଉତ୍ସବ ପାଳିତ ହୋଇଛି। ବୈଠକରେ ଜିଲା ସଂଘର ଉପ ସଭାପତି ସନ୍ତୋଷ କୁମାର ଦିଗାଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଆଞ୍ଚଳିକ ସମ୍ପାଦକ ବିଦେଶୀ ନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ବଂଶୀଧର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ସୁର ପ୍ରସାଦ ନାଏକ ଯୋଗଦେଇଥିଲେ। ସଂଘ ବ୍ଲକ ସଭାପତି ଦିନେଶ କୁମାର ବେହେରା, ସାଧାରଣ ସମ୍ପାଦକ ଅନଙ୍ଗ ଦେହୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଶପଥ ପାଠ କରିଥିଲେ । ଚୈତନ୍ୟ ସାହୁ ଧନ୍ୟବାଦ ଦେଇଥିଲେ।

# ଗାଁ, ପଞ୍ଚାୟତକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ପ୍ରଶିକ୍ଷଣ

ଛତ୍ରପୁର,୮।୧(ଦିଲୀପ ସାମଲ)

ସବୁ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଶ୍ରେଷ୍ଠ ଜିଲା ଭାବେ 'ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୩' ପୁରସ୍କାର ପାଇଛି। ଏହି ଧାରାକୁ ବଜାୟ ରଖିବା ପାଇଁ ଜିଲା ପ୍ରଶାସନର ଉଦ୍ୟମ ଜାରି ରହିଛି । ୨୦୩୦ ମସିହାକୁ ଦୃଷ୍ଟିରେ ରଖି ସ୍ଥାୟୀ ବିକାଶ ପାଇଁ ୯ଟି ପାରାମିଟର ଯଥା ଦାରିଦ୍ର୍ୟମୁକ୍ତ, ସୁସ୍ଥ, ଶିଶୁ ଅନୁକୂଳ, ଜଳ ପର୍ଯ୍ୟାପ୍ତ, ସ୍ୱଚ୍ଛ ଓ ସବୁଜ, ଆତ୍ମନିର୍ଭର ଭିତ୍ତିଭୂମି ସଂପନ୍ନ, ସାମାଜିକ ସୁରକ୍ଷିତ, ସୁଶାସିତ ଓ ମହିଳା ଅନୁକୂଳକୁ ବିଚାରରେ ନିଆଯାଇଛି। ସେଥିମଧ୍ୟରୁ ଜିଲାର ଗାଁ ଓ ପଞ୍ଚାୟତଗୁଡ଼ିକୁ 'ପର୍ଯ୍ୟାପ୍ତ ଜଳ' ଏବଂ 'ସ୍ୱଚ୍ଛ ଓ ସବୁଜ' ରଖିବାରେ ଆହୁରି ଅଧିକ ଜ୍ଞାନକୌଶଳ ଲାଗି ଜିଲା ଓ ବ୍ଲକ ସ୍ତରର ଲାଇନ ବିଭାଗ ଅଧିକାରୀ, ପଞ୍ଚାୟତିରାଜ ବିଭାଗର ଅଧିକାରୀମାନଙ୍କୁ ନେଇ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲା ପରିଷଦ ଜଉଗଡ ସମ୍ମିଳନୀ କକ୍ଷଠାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ର, ୟୁନିସେଫ ପରାମର୍ଶଦାତା ଗୌତମ ପଟ୍ଟନାୟକ, ଗଞ୍ଜାମ ଜିଲା ପଞ୍ଚାୟତ ଅଧିକାରୀ ନୃସିଂହଚରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତିରାଜ, ଜିଲା ଓ ବ୍ଲକସ୍ତରର ଲାଇନ ବିଭାଗର ଅଧିକାରୀମାନଙ୍କୁ ଉପରୋକ୍ତ ୨ଟି ପାରାମିଟର ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଶିକ୍ଷକ ଭାବେ ଜଳ ଓ ପରିମଳ ମିଶନର ଇପ୍ସିତା ମିଶ୍ର ଏବଂ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲକ୍ଷ୍ମୀ କାନ୍ତ ତ୍ରିପାଠୀ ଗାଁ ଓ ପଞ୍ଚାୟତକୁ କିପରି 'ପର୍ଯ୍ୟାପ୍ତ ଜଳ' ଏବଂ 'ସ୍ୱଚ୍ଛ ଓ ସବୁଜ' ରଖିପାରିବା ସେ ଦିଗରେ ବିଭିନ୍ନ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଜଳ ଓ ପରିମଳ ମିଶନ ସଂଯୋଜିକା ନମିତା ନାହାକ ଓ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ପ୍ରହସନ ପାଲଟିଲା ଅଭିଯୋଗ ଶୁଣାଣି

## ପ୍ରଚାର ପ୍ରସାର ହେଲାନି, ଲୋକେ ନିରାଶ

ଚିକିଟି,୮।୧(ପ୍ରକାଶ ଚନ୍ଦ୍ର ସାହୁ)



ଅଭିଯୋଗ ଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ଚିକିଟି ବ୍ଲକରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତେବେ ଏ ନେଇ କୌଣସି ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ଅଧିକାଂଶ ଲୋକ ନିଜ ସମସ୍ୟା ଜଣାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଏକ ପ୍ରକାର ପ୍ରହସନ ପାଲଟିଥିବା ବହୁ ଅଭିଯୋଗକାରୀ ଅଭିଯୋଗ କରିଛନ୍ତି। ସୋମବାର ଆୟୋଜିତ ଏହି ଅଭିଯୋଗ ଶୁଣାଣିରେ ଏସ୍‌ପି ଡ଼. ଶ୍ରବଣା ବିବେକ ଏମ, ଡେପୁଟି କଲେକ୍ଟରେ ଦିପ୍ତିମୟୀ ପାତ୍ର, ଏଡିଏମ ଲୀନା କୁମାରୀ ଖେସ, ଡିଏସଏସଓ କଲ୍ୟାଣୀ ଦାସ, ଏଡିଇଓ ପବିତ୍ର ମୋହନ ଦାସ, ଏସିଏସଓ ସକଳେଶ୍ୱର ଦାସ, ଡିଏସଡବ୍ଲୁଓ ଅର୍ବିଦା ପରବିନ, ଚିକିଟି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କୁଲଦୀପ କୁମାର, ତହସିଲଦାର ବଳଦେବ ବେହେରା, ବିଡ଼ିଓ ପ୍ରମୋଦ କୁମାର ନାୟକ, ସିଡ଼ିପିଓ ଗୀତାଞ୍ଜଳି ପାଣିଗ୍ରାହୀ, ବିଇଓ ବସନ୍ତ କୁମାର ପଣ୍ଡା, କେ.ନୂଆଗାଁ ଥାନାଧିକାରୀ କିଶୋର କୁମାର ସାମଲ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ମୋଟ ୫୨ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୧୩ଟି ଅଭିଯୋଗର ଶୁଣାଣି ହୋଇ ସମାଧାନ କରାଯାଇଥିଲା । ତେବେ ଅଭିଯୋଗ ଶୁଣାଣି ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ଏନ୍‌ଏସି ୮ ନଂ ୱାର୍ଡ କାଉନସିଲର ସନ୍ତୋଷ କୁମାର ସାହୁ କହିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ବିଡ଼ିଓ ପ୍ରମୋଦ କୁମାର ନାୟକଙ୍କ ଯୋଗାଯୋଗ କରିବାରେ ସେ କହିଛନ୍ତି, ଏହା ଜିଲାପାଳଙ୍କ ଅଭିଯୋଗ ଶୁଣାଣି। ଜିଲାପାଳଙ୍କ ଚିଠି ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମସ୍ତ ଅଙ୍ଗନୱାଡି ଏବଂ ଏମବିକେ ମାଧ୍ୟମରେ ଜଣାଯାଇଥିବା କହିଛନ୍ତି।

# ଉପଖଣ୍ଡ ଡାକ୍ତରଖାନା ଲାଗି ୫୦ କୋଟି ମଞ୍ଜୁର

ଆସିକା,୮।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଉପଖଣ୍ଡ ଡାକ୍ତରଖାନାର ନୂତନ କୋଠା ଓ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ରାଜ୍ୟ ସରକାର ୪୯ କୋଟି ୮୧ ଲକ୍ଷ ୬୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ ପ୍ରଶାସନିକ ମଞ୍ଜୁରୀ ମିଳିଥିବା ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ଏକ ଆଦେଶ ନାମାରୁ ଜଣାପଡ଼ିଛି । ଏହି ଅର୍ଥରେ ଡାକ୍ତରଖାନାର ନୂତନ କୋଠା ନିର୍ମାଣ ସାଙ୍ଗକୁ ସ୍ୱାସ୍ଥ୍ୟ ସେବା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି। ଆସିକାରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ଲାଗି ସବ ଡିଭିଜନାଲ ହସପିଟାଲର ଉନ୍ନତି କରଣ ପାଇଁ ଆସିକା ବିଧାୟିକା ମଞ୍ଜୁଲା ସ୍ୱାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଗୁହାରି ଜଣାଇଥିଲେ। ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ ଆସିକା ଗସ୍ତରେ ଆସିଥିଲା ବେଳେ ଜନସାଧାରଣଙ୍କ ଉନ୍ନତମାନର ସ୍ୱାସ୍ଥ୍ୟସେବା ଲାଗି ରାଜ୍ୟ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଉଥିବା ସୂଚନା ମିଳିଛି।

# ଧାନ କଟନିଛଟ୍‌ନିକୁ ବିରୋଧ

## ଜିଲାପାଳଙ୍କୁ ଅଭିଯୋଗ କଲେ

ଛତ୍ରପୁର,୮।୧(ସନ୍ତୋଷ ପାଢୀ/ଦିଲୀପ ସାମଲ)


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ଗଞ୍ଜାମ ଜିଲାର ବାଘଳା ପଞ୍ଚାୟତରେ ଚାଷୀମାନଙ୍କଠାରୁ ଧାନକିଣାରେ ଅନିୟମିତତା ଚାଲିଥିବା ଅଭିଯୋଗ ହୋଇଛି। ୧୦୦ କି.ଗ୍ରା ଧାନ ବିକିଲେ ମିଲରମାନେ ୭୭ କି.ଗ୍ରାର ମୂଲ୍ୟ ଦେବାକୁ ରାଜି ହେଉଛନ୍ତି। ଏପରି କଟନି ଛଟନିରେ ଚାଷୀମାନେ କ୍ଷତି ସହିବେ। ତେଣୁ ସେମାନେ ଏହାକୁ ବିରୋଧ କରିଛନ୍ତି। ଏ ନେଇ ବାଘଳାର ମା' ବାଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟକ ସଂଘର ସଦସ୍ୟା ଓ ଚାଷୀମାନେ ସୋମବାର ଛତ୍ରପୁର ଆସି ଜିଲାପାଳଙ୍କୁ ଅଭିଯୋଗ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ବାଘଳା ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୬ ତାରିଖରେ ଧାନ କିଣା ନେଇ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମା ବାଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟକ ସଂଘର ସଭାନେତ୍ରୀ, ସମ୍ପାଦିକା, ଧାନ କିଣା କମିଟି, ୨୫୦ ଜଣ ଚାଷୀ ଯୋଗଦେଇଥିଲେ । ଏଥିସହ ୩ ଜଣ ମିଲର ମଧ୍ୟ ଉପସ୍ଥିତ ଥିଲେ। ୧୦୦ କି.ଗ୍ରା ଧାନ ନେଇ ୭୭ କି.ଗ୍ରା ଧାନର ଟଙ୍କା ଦିଆଯିବ ବୋଲି ମିଲର ମାନେ କହିବା ସହ ଅଖା ବାବଦରେ ଟଙ୍କା ଦେବାକୁ ମନା କରିଦେଇଥିଲେ। କୌଣସି ଉପାୟ ନ ପାଇ ଚାଷୀମାନେ ଛତ୍ରପୁର ଆସି ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି।

## ସାପ କାମୁଡ଼ାରେ ମହିଳା ମୃତ

ଛତ୍ରପୁର,(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ସାପ କାମୁଡ଼ାରେ ଛତ୍ରପୁର ଥାନା ଅର୍ନ୍ତଗତ ବଡମାଧପୁର ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଳ୍ପନା ସ୍ୱାଇଁ (୪୦)। ରବିବାର ରାତି ପ୍ରାୟ ସାଢ଼େ ୯ଟାରେ କଳ୍ପନା ନିଜ ଘର ସାମ୍ନାକୁ ଶୌଚ ହେବାକୁ ଯାଇଥିବା ବେଳେ କୌଣସି ଏକ ସାପ କାମୁଡ଼ି ଦେବାରୁ ଚିତ୍କାର କରିଥିଲେ। ତାଙ୍କ ସ୍ୱାମୀ ରାମକୃଷ୍ଣ ସ୍ୱାଇଁ ତୁରନ୍ତ ଆସି ଚିକିତ୍ସା ପାଇଁ ପ୍ରଥମେ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଆଦିବାସୀଙ୍କ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୮।୧(ନରସିଂହ ସାହୁ)

ଅଖିଳ ଭାରତ କିଷାନ ମଜଦୁର ସଭା (ଏଆଇକେଏମଏସ) ପକ୍ଷରୁ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବାସହୀନ ଦଳିତ ଓ ଆଦିବାସୀଙ୍କୁ ସରକାର ଜମି ଓ ଜଙ୍ଗଲ ଅଧିକାର ଦେବା ଦାବି ନେଇ ଏହି ଆନ୍ଦୋଳନ ହୋଇଥିଲା। ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକର ଶତାଧିକ ଗରିବ ବାସହୀନ ଓ ଜମିହୀନ ମହିଳା ଓ ପୁରୁଷ ସ୍ଥାନୀୟ ଗଣେଶ ମନ୍ଦିର ଛକରୁ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଦିବାସୀ ଓ ଦଳିତ ବିରୋଧୀ ନୀତି ବିରୋଧରେ ନାରାବାଜି କରିଥିଲେ।



ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଆଦିବାସୀ ଓ ଦଳିତଙ୍କ ବିକ୍ଷୋଭ

ବିକ୍ଷୋଭରେ ଏଆଇକେଏମଏସ ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ ରାଜ୍ୟ ସମ୍ପାଦକ ପ୍ରତାପ ନାୟକ ନେତୃତ୍ୱ ନେଇଥିଲେ। ଫାଶିଗୁଡ଼ା ଗ୍ରାମର ବାସହିନ ଦଳିତମାନଙ୍କୁ ବାସପୋଯୋଗୀ ସରକାରୀ ଜମି ଯୋଗାଇବା, ସହଦେବ ଟିକରପଡ଼ାର ପଞ୍ଚାୟତର ବିଭିନ୍ନ ଗ୍ରାମର ଆଦିବାସୀଙ୍କୁ ଚାଷ ଜମି ଓ ଜଙ୍ଗଲ ଜମି ପଟ୍ଟା ଦେବା, ସାନଖେମୁଣ୍ଡି ବ୍ଲକର ବ୍ରହ୍ମଣ ଓ କଳାଶି ଗ୍ରାମର ବାସହିନ ଦଳିତ ପରିବାରମାନଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ, ପୋଡ଼ାମାରି ପଞ୍ଚାୟତର ରାଜନାପଲ୍ଲୀ ବାଲିସାହି ଓ ମାର୍ଥାପଲ୍ଲୀ ଓ ଅନ୍ୟ ଗାଁର ଅଣ ଆଦିବାସୀଙ୍କ ଦ୍ୱାରା ଜବରଦଖଲରେ ଥିବା ଆଦିବାସୀଙ୍କ ଜମି ଜବରଦଖଲମୁକ୍ତ କରାଯିବାକୁ ଦାବି କରାଯାଇଥିଲା। ଏହି ମର୍ମରେ ସ୍ମାରକପତ୍ର ଉପଜିଲାପାଳଙ୍କୁ ଦିଆଯାଇଥିଲା। ଏଆଇକେଏମଏସ ଜିଲା କମିଟି କର୍ମକର୍ତ୍ତା ଲଡୁ କିଶୋର ଡ଼ାକୁଆ, ସନ୍ତୋଷ ଗୌଡ଼, ପ୍ରତାପ ପ୍ରଧାନ, ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଅବନୀ ଗୟା, ସାମାଜିକ କର୍ମୀ କେ. ନନ୍ଦେଶୁ ସେନାପତିଙ୍କ ସମେତ ମାଣିକ ଶବର ଗୀତା ଦାସ, ସୁଶାନ୍ତ ଶବର ଓ ଅନ୍ୟମାନେ ଯୋଗଦେଇ ପ୍ରତିବାଦ ସଭାରେ ଉଦବୋଧନ ଦେଇଥିଲେ।

# ଗଞ୍ଜେଇ ବେପାରୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର, ୮।୧
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ -୧ ଡ. ଇନ୍ଦୁ ଶର୍ମା ସୋମବାର ଜଣଙ୍କ ଘରୁ ଗଞ୍ଜେଇ ଜବତ ମାମଲାର ବିଚାର କରି ବେପାରୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଲକ୍ଷେ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ବର୍ଷେ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବଡବଜାର ଥାନା ଆସିକା ରୋଡ କାଳୁପାତ୍ର ସାହିର ନିରଞ୍ଜନ ସାହୁ ଓରଫ ବାବୁ (୫୫)। ୨୦୨୦ ଜୁନ ୩୦ ତାରିଖ ବ୍ରହ୍ମପୁର ଅବକାରୀ ଜିଲା ଷ୍ଟ୍ରାଇକିଂ ଫୋର୍ସ କାଳୁପାତ୍ର ସାହିରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ଘର ସମ୍ମୁଖରେ ଠିଆ ହୋଇଥିବା ଦେଖିବାକୁ ପାଇଥିଲା। ଉକ୍ତ ଘରୁ ଗଞ୍ଜେଇ ବାସ୍ନା ଆସୁଥିବା ଜାଣି ତାଙ୍କୁ ଜେରା କରିଥିଲା। ସେ ଗଜପତି ଜିଲାରୁ ଗଞ୍ଜେଇ ଆଣି ଘର ଭିତରେ ମହଜୁଦ ରଖି ଏହି କାରବାର କରୁଥିବା ଜଣାପଡିଥିଲା। ତାଙ୍କ ଘର ଭିତରୁ ୩ ଜରିବସ୍ତାରେ ଥିବା ୩୬ କେଜି ଗଞ୍ଜେଇ ଜବତ ହୋଇଥିଲା। ନଂ. ୩୨/୨୦-୨୧ରେ ଏକ ମାମଲା ରୁଜୁ କରି ଅବକାରୀ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ତଥା ଏସଆଇ ଶ୍ରୀଧର ମହାନ୍ତି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ ୪ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ବ୍ରହ୍ମପୁର ଜେଲରୁ ନିରଞ୍ଜନଙ୍କୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନ ଓ ଅବକାରୀ ବିଭାଗ ପକ୍ଷରୁ ଦାଖଲ ଚାର୍ଜସିଟକୁ ଆଧାର କରି ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦଶମ ବ୍ରହ୍ମପୁର ପୁସ୍ତକ ମେଳା

ବ୍ରହ୍ମପୁର,୮।୧(ତନୁଶ୍ରୀ ନାହାକ)

ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ ଠାରେ ଚାଲିଥିବା ଦଶମ ବ୍ରହ୍ମପୁର ପୁସ୍ତକ ମେଳାର ସୋମବାର ଥିଲା ୪ର୍ଥ ସନ୍ଧ୍ୟା। ଆୟୋଜିତ ବୈଠକରେ ଯୁବ କବି ଅଜିତ କୁମାର ସାବତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା ଯୋଗଦେଇ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ନାଟ୍ୟକାର ତଥା କବି ଗିରିଜା ଶଙ୍କର ଦାସ ଉପସ୍ଥିତ ଥିଲେ। ସମ୍ମାନନୀୟ ବକ୍ତାଭାବେ କପିଳ ଚନ୍ଦ୍ର ମହାନ୍ତି ଏଠାରେ ଶିକ୍ଷା ପାଇଁ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ଅଭିହିତ କରିବା ସହ ଶିକ୍ଷା ଓ ପୁସ୍ତକ ପରସ୍ପର ପରିପୁରକ ବୋଲି ମତବ୍ୟକ୍ତ କରିଥିଲେ। ସଂଘମିତ୍ରା ମହାପାତ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସତ୍ୟମ ଆଚାରୀ, ନିହାର ରଂଜନ ଦାସ, ସୁନନ୍ଦା ଚୌଧୁରୀ, ବାଲ୍ମିକୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜି.ଉଦୟଗିରିରେ ଶୀତ ଲହରି

ଜି.ଉଦୟଗିରି,୮।୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଅଞ୍ଚଳରେ ୪ ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ସୋମବାର ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ ଶନିବାର ୬.୨ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା। ପ୍ରବଳ ଶୀତ ଯୋଗୁ ପୂର୍ବାହ୍ନ ୧୦ଘଣ୍ଟା ସୁଦ୍ଧା ଘରୁ ବାହାରିବା କଷ୍ଟ ହେଉଛି। ସନ୍ଧ୍ୟା ୬ଟା ପରେ ଶୀତ ମାଡି ଆସୁଛି। ସିରିକି, ମୁକୁଲିଙ୍ଗିଆ, ରାଇକୋଲା ଆଦି ସ୍ଥାନରେ ଅଧିକ ଶୀତ ଅନୁଭୂତ ହେଉଛି। ଏଣେ ଘନ କୁହୁଡ଼ି ଯୋଗୁ କଳିଙ୍ଗାଘାଟି, ଶ୍ରୀକୋଲାଘାଟିରେ ଯାନବାହନ ଚଳାଚଳ ପ୍ରଭାବିତ ହେଉଛି।

### ଗଞ୍ଜାମ ଓକିଲ ସଂଘର ସାଧାରଣ ବୈଠକ

ବ୍ରହ୍ମପୁର , ୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ସାଧାରଣ ପରିଷଦ ବୈଠକ ସୋମବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ମିନତୀ ରଥ ଏଥିରେ ସଭାପତିତ୍ୱ କରିଥିଲେ । ବୈଠକରେ ଆସନ୍ତା ୨୦୨୪-୨୫ ବର୍ଷ ପାଇଁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଅନିଲ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି । ସେହିପରି ଚଳିତ ବର୍ଷର ଓକିଲ ସଂଘର ଆୟ ବ୍ୟୟ ଅଡ଼ିଟ ପାଇଁ ଆଇନଜୀବୀ ରାଜା ଲଳିତ ମୋହନଙ୍କୁ ଦାୟିତ୍ୱ ଦିଆଯାଇଛି । ସେହିପରି କୋର୍ଟକୁ ଆସୁଥିବା ଲୋକମାନେ ନିଜର ସତ୍ୟପାଠ,ଚୁକ୍ତିନାମା ଓ ଅନ୍ୟାନ୍ୟ କାମ ପାଇଁ ସେଥିରେ ଓକିଲ ସଂଘର ସିଲ ରହିବା ବାଧ୍ୟତାମୂଳକ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସଂଘର ସମ୍ପାଦକ ଶିବ ନାରାୟଣ ସାହୁ , ଉପ ସଭାପତି ଏମ. ଚନ୍ଦ୍ରଶେଖର, ସହ ସମ୍ପାଦକ ତାପସ କୁମାର ସାହୁ ଉପସ୍ଥିତ ଥିଲେ। ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି କପିଳ ପଟ୍ଟନାୟକ , ମନୋଜ ପଟ୍ଟନାୟକ, ବ୍ରଜ ମୋହନ ବିଷୋୟୀ, ଜଗନ୍ନାଥ ମିଶ୍ର, ଅସିତ ଶତପଥି, ପ୍ରମିତ ରଞ୍ଜନ ମହାପାତ୍ର, ସୂର୍ଯ୍ୟକାନ୍ତ ସୁବୁଦ୍ଧି ମଳୟ କୁମାର ଦାଶ ପ୍ରମୁଖ ଆଇନଜୀବୀ ଯୋଗ ଦେଇଥିଲେ।

### ଜାତୀୟ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ରାଲି

ରାଇକିଆ,୮।୧(ପ୍ରଦୀପ ବେହେରା)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ତରଫରୁ ସୋମବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଅଶୋକ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ବ୍ୟବହାର, ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଟ୍ରାଫିକ ନିୟମ ମାନିବା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁ ଗାଡ଼ି ଚଳେଇବାକୁ ନ ଦେବାକୁ ସଚେତନତା କରାଯାଇଥିଲା।

### ଅମାନିଆଙ୍କଠାରୁ ଜରିମାନା ଆଦାୟ

ବେଲଗୁଣ୍ଠା,୮।୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସଡ଼କ ସୁରକ୍ଷା ସପ୍ତାହର ଶେଷ ଦିନରେ ଓଡ଼ିଶା ମୋଟର୍ ଭେଇକେଲ୍ ବିଭାଗ ଏବଂ ବେଲଗୁଣ୍ଠା ପୋଲିସ ତିନୋଟି ସ୍ଥାନରେ ଚଢ଼ାଉ କରି ନିୟମ ଉଲ୍ଲଂଘନକାରୀ ୨୨ ଜଣଙ୍କଠାରୁ ଜରିମାନା ଆଦାୟ କରିଛି। ଏହି ଯାଞ୍ଚରେ ଭଞ୍ଜନଗର ଓଡ଼ିଶା ମୋଟର୍ ଭେଇକେଲ୍ ବିଭାଗ ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର ମୁର୍ମୁ, ବେଲଗୁଣ୍ଠା ଥାନା ଅଧିକାରୀ ବନବିହାରୀ ପ୍ରଧାନ, ଏସ୍‌ଆଇ ନାରାୟଣ ନାୟକ, ମହିଳା ଏସ୍‌ଆଇ ଜ୍ୟୋତ୍ସ୍ନା ପ୍ରଧାନ ଏବଂ ପୋଲିସ୍ ମୁତୟନ ଥିଲେ।

# ୭ ୱାର୍ଡ ପରିକ୍ରମା କଲା ଅର୍ପଣ ରଥ

ବ୍ରହ୍ମପୁର,୮।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଏମସି) କାର୍ଯ୍ୟାଳୟ ପରିସରରେ ସୋମବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ଼ି, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାଷ ମହାରଣା ଓ କମିଶନର ଜେ ସୋନାଲ ପ୍ରମୁଖ ୭ ରଥର ଶୁଭାରମ୍ଭ କରିଥିଲେ। ପ୍ରଥମ ଦିନରେ ଉକ୍ତ ରଥ ୱାର୍ଡ ନଂ୧,୨, ୧୫, ୨୦,୨୧, ୩୩ ଓ ୩୪ ନଂ ୱାର୍ଡ ପରିକ୍ରମା କରିଛି। ସହରବାସୀଙ୍କଠାରୁ ଅରୁଆ


ଅର୍ପଣ ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଚାଉଳ ଓ ଗୁଆ ରଥ ମାଧ୍ୟମରେ ସଂଗ୍ରହ କରାଯାଉଛି। ସଂଗୃହୀତ ଚାଉଳ ନିକଟସ୍ଥ ମନ୍ଦିରରେ ଗଚ୍ଛିତ ରଖାଯିବ। ଆସନ୍ତା ୧୫ ତାରିଖ ଯାଏଁ ଉକ୍ତ ୭ଟି ରଥ ମହାନଗରର ୪୨ଟି ୱାର୍ଡ ପରିକ୍ରମା କରିବ। ଏହି ରଥ ବୁଲିବା ପାଇଁ ନିଗମର ପ୍ରତି ୱାର୍ଡ ପିଛା ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହି ରଥ ପରିଭ୍ରମଣକୁ ତଦାରଖ କରିବା ପାଇଁ ବିଏମସି ଅତିରିକ୍ତ କମିଶନର ରମେଶ ହାଂସଦା ଓ ସମ୍ବିତ ରାଉତଙ୍କୁ ଦାୟିତ୍ୱ ଦିଆଯାଇଛି। ମଙ୍ଗଳବାର ୱାର୍ଡ ନଂ ୩, ୮, ୧୬, ୧୯, ୨୫, ୩୨ ଓ ୩୫ ପରିକ୍ରମା କରିବ। କାର୍ଯ୍ୟକ୍ରମରେ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

## ସ୍ୱର୍ଣ୍ଣମୟୀ ହାଇସ୍କୁଲ ଅବ୍ୟବସ୍ଥା ଘଟଣା
# ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

କୋଦଳା,୮।୧(ଅମିତ କୁମାର ପଟ୍ଟନାୟକ)- କୋଦଳା ସ୍ୱର୍ଣ୍ଣମୟୀ ହାଇସ୍କୁଲକୁ ଗତ ୫ ତାରିଖରେ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଅଚାନକ ଆସି ବିଭିନ୍ନ ଅବ୍ୟବସ୍ଥା ଦେଖିବା ପରେ ବିରକ୍ତି ପ୍ରକାଶ କରିଥିଲେ। ଏହାକୁ ନେଇ ସୋମବାର ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସ୍ୱର୍ଣ୍ଣମୟୀ ହାଇସ୍କୁଲ ପ୍ରଧାନଶିକ୍ଷକ ଉମାକାନ୍ତ ବେହେରାଙ୍କ ନିକଟକୁ କାରଣ ଦର୍ଶାଅ ନୋଟିସ ଆସିଛି। ଚିଠି ନମ୍ବର ୨୩୮ ଅନୁସାରେ ବିଦ୍ୟାଳୟରେ ପାଠପଢ଼ା ଠିକ ହେଉ ନ ଥିବା, ପ୍ରଧାନଶିକ୍ଷକ ଏବଂ ଷ୍ଟାଫ ରୁମ ଠିକ ନଥିବା, ବିଦ୍ୟାଳୟ ପରିବେଶ ଦୂଷିତ ସାଙ୍ଗକୁ ଆବର୍ଜନା ପଡିଥିବା, ପ୍ରଦର୍ଶନ ବୋର୍ଡ କୌଣସି ସ୍ଥାନରେ ନ ଥିବା ଏବଂ ୨୦୧୯ରୁ ଜଣେ ରେଗୁଲାର ପିଇଟି ଶିକ୍ଷକ ଥିବା ବେଳେ ଅନ୍ୟ ଜଣେ ପିଇଟି ଶିକ୍ଷକ ଡେପୁଟେଶନରେ ରହିବା ଘଟଣାକୁ ଗୋପନ ରଖାଯିବା ଆଦିର କାରଣ ଜଣାଇବାକୁ ନୋଟିସ ଆସିଛି। ଆସନ୍ତା ୧୬ ତାରିଖ ସୁଦ୍ଧା ଏହାର ଉତ୍ତର ରଖିବାକୁ କୁହାଯାଇଛି।

# ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟିତ


ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟିତ କରାଯାଉଛି।

ପାରଳାଖେମୁଣ୍ଡି,୮।୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ହରଭଙ୍ଗୀ ଜଳଭଣ୍ଡାରଠାରେ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜଳଭଣ୍ଡାର ଉପରେ ନିର୍ଭର କରୁଥିବା ହରଭଙ୍ଗୀ ଆଦିବାସୀ ପ୍ରାଥମିକ ସମବାୟ ସମିତିର ସଭ୍ୟମାନଙ୍କ ନିମନ୍ତେ ରାଜ୍ୟ ମତ୍ସ୍ୟ ବିଭାଗ ଦ୍ୱାରା ନିର୍ମିତ ଏହି କେନ୍ଦ୍ରକୁ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। ଏଥିସହ ହରଭଙ୍ଗୀ ଜଳଭଣ୍ଡାରେ ଉନ୍ନତ ମାନର ମାଛ ଯାଆଁଳ ଛଡ଼ାଯାଇଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଉପ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା, ଜିଲା ମତ୍ସ୍ୟ ଅଧିକାରୀ ଲିସା ବେହେରା, ମୋହନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ଉନ୍ନତ ଚାଷ ପାଇଁ ଯାନ୍ତ୍ରିକ ପ୍ରଣାଳୀ ଜରୁରୀ

ବ୍ରହ୍ମପୁର,୮।୧
(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସରକାର କୃଷିର ଉନ୍ନତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଉନ୍ନତ ଚାଷ କରିବା ଓ ଅଧିକ ଉତ୍ପାଦନ କରିବା ପାଇଁ ଯାନ୍ତ୍ରିକ ପ୍ରଣାଳୀରେ ଚାଷ କରିବା ଆବଶ୍ୟକତା ରହିଛି ବୋଲି ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଜିଲା କୃଷି ବିଭାଗ ପକ୍ଷରୁ ସୋମବାର ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡିଆଠାରେ ଆୟୋଜିତ ଆଂଚଳିକ କୃଷି ଯନ୍ତ୍ରପାତି ମେଳାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଯନ୍ତ୍ରପାତି ଯୋଗାଇବା ପାଇଁ ମେଳା ବେଶ ସହାୟକ ହେବ। ଯନ୍ତ୍ରପାତି କିଣିବା କ୍ଷେତ୍ରରେ ସାଧାରଣ ବର୍ଗଙ୍କ ପାଇଁ ୪୦% ସବସିଡି, ଅନୁସୂଚିତ ଜାତି ଜନଜାତି ପାଇଁ ୫୦% ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ସର୍ବାଧିକ ୭୫% ସବସିଡି ବ୍ୟବସ୍ଥା ରହିଛି। ଯାହାଦ୍ୱାରା ଚାଷୀ ଭାଇମାନେ ଓ ଏସଏଚଜିମାନେ ଉପକୃତ ହୋଇପାରିବେ। ଏହି ମେଳାରେ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ରହିଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି କୀର୍ତ୍ତି ୱାସନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ରୂପେ କୃଷି ବିଭାଗର ଦକ୍ଷିଣାଚଂଳ ଜୋନ ସୁପିରିଣ୍ଟେଣ୍ଡିଂ ଇଞ୍ଜିନିୟର ଚୌଧୁରୀ ଦେବବ୍ରତ ଦାଶ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳିସ୍ୱାଇଁ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଓ ବିଏମସି ମେୟର ସଂଘମିତ୍ରା ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ସୁବ୍ରତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଟାଏକୋଣ୍ଡୋ ବେଲ୍ଟ ପ୍ରତିଯୋଗିତା

ହିଞ୍ଜିଳିକାଟୁ,୮।୧(ଦ୍ୱିତୀକୃଷ୍ଣ ପଣ୍ଡା)

ଜାଗୁଆର ଏକାଡେମୀ ଅଫ୍ ମାର୍ଶାଲ ଆର୍ଟସ ଆଣ୍ଡ ସେଲ୍ଫ ଡିଫେନ୍ସ ହିଞ୍ଜିଳିକାଟୁ ତରଫରୁ ରାଜ୍ୟସ୍ତରୀୟ କଲର ବେଲ୍ଟ ପ୍ରତିଯୋଗିତା ହିଞ୍ଜିଳିକାଟୁ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାଗୁଆର ଏକାଡେମୀର ମୁଖ୍ୟ କୋଚ ଅମ୍ବିକାପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ସମ୍ମାନିତ ଅତିଥି ଗ୍ରୀଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଭିନ୍ନ ଭିନ୍ନ ବର୍ଗର ମୋଟ ୫୨ ପ୍ରତିଯୋଗୀ ବିଭିନ୍ନ ବେଲ୍ଟ ହାସଲ କରିଥିଲେ। ସେଥିରେ ୟେଲୋ ବେଲ୍ଟରେ୨୨ଜଣ, ଗ୍ରୀନ୍ ବେଲ୍ଟ ୩,ଗ୍ରୀନ୍ ୱାନ୍ ୭,ବ୍ଲୁ ବେଲ୍ଟ ୮,ବ୍ଲୁ ୱାନ ୪, ରେଡ୍ ବେଲ୍ଟ ୨ ଓ ରେଡ୍ ୱାନ ବେଲ୍ଟ ୬ଜଣ ହାସଲ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଗ୍ରୀଟ୍‌ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଓ ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ କଲର ବେଲ୍ଟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅଖିଳ କୁମାର ପଣ୍ଡା, ଅରୁଣ କୁମାର ମହାରଣା, ବିଶ୍ୱମ୍ଭର ସାହୁ, ନିରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଞ୍ଜାମର ୨ ପ୍ରତିଯୋଗୀ

ବ୍ରହ୍ମପୁର,୮।୧(ତନୁଶ୍ରୀ ନାହାକ)

ଆସନ୍ତା ୯ରୁ ୧୯ ତାରିଖ ରାଜସ୍ଥାନର ବରେଲିଠାରେ ୪୬ତମ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବ। ଗଂଜାମ ଜିଲାରୁ ଦୁଇ ପ୍ରତିଯୋଗୀ ରାମାସିସ ଜେନା ଓ କେଶବ ରେଡ଼ି ରାଜ୍ୟ ଦଳରେ ସ୍ଥାନ ପାଇ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି। ଗତ ମାସରେ ଆୟୋଜିତ ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଏମାନେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଏମାନେ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଯୋଗଦେଇଥିବାରୁ ଜିଲା ହ୍ୟାଣ୍ଡବଲ


ଦୁଇ ପ୍ରତିଯୋଗୀ

ସଂଘ ସଭାପତି ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସିଏଚ ମନୋଜ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଆଞ୍ଚଳିକ ଆଇଟିଆଇ ଫେଷ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୮।୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ପରିସରରେ ଆଞ୍ଚଳିକ ଆଇଟିଆଇ ଫେଷ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ଗଞ୍ଜାମ ଓ ଗଜପତିର ୧୬ଟି ସରକାରୀ ଏବଂ ବେସରକାରୀ ଆଇଟିଆଇର ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିନ ୫୫ଟି ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ଶେରଗଡ ଆଇଟିଆଇ ଅଧ୍ୟକ୍ଷ ଉମାକାନ୍ତ ପଟ୍ଟନାୟକ ଓ ହିଞ୍ଜିଳି ଆଇଟିଆଇ ଅଧ୍ୟକ୍ଷ ରାଜେଶ ତ୍ରିପାଠୀ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଓଲିଉଡ ଅଭିନେତ୍ରୀ।

ଯୋଗ ଦେଇଥିଲେ। ଏହି ଅବସରରେ ଓଲିଉଡ ଅଭିନେତ୍ରୀ ଝିଲିକ ଭଟାଚାର୍ଯ୍ୟ, ଅଭିନେତା ବବି ମିଶ୍ର, ଅଭିନେତ୍ରୀ ଅନନ୍ୟା ବେହେରା ଓ ଐଶର୍ଯ୍ୟା ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେମାନେ ଆଇଟିଆଇରେ ପ୍ରସ୍ତୁତ ହୋଇଥିବା ୱେଷ୍ଟ ଟୁ ୱେଲଥ ସାମଗ୍ରୀ ଗୁଡିକୁ ବୁଲି ଦେଖିଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଆସନ୍ତା ଫେବୃଆରୀରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବ୍ରହ୍ମପୁର ଆଇଟିଆଇ ଅଧ୍ୟକ୍ଷ କହିଛନ୍ତି।

# ମହିଳାଙ୍କୁ ୨୦ଲକ୍ଷ ବଟି ମାଗି ଯୁବକ ଗିରଫ

ବ୍ରହ୍ମପୁର, ୮।୧(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ମହିଳାଙ୍କୁ ୨୦ଲକ୍ଷ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ବିଜିପୁର ବଡ଼ସାହିର ବୁଲୁ ମାଝୀ(୫୨)ଙ୍କୁ ସୋମବାର ଗିରଫ କରିଛି। ତାଙ୍କ ନାମରେ ଏକାଧିକ ମାମଲା ରହିଛି। ବୁଲୁଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ବୈଦ୍ୟନାଥପୁର ଥାନା ଲିଙ୍ଗରାଜ ନଗରର ଗଗନ ବିହାରୀ ପୁରୋହିତ କିଛି ବର୍ଷ ପୂର୍ବେ ତାଙ୍କ ସ୍ତ୍ରୀ ରଶ୍ମିତା ପାଢ଼ୀଙ୍କ ନାମରେ ଟାଉନ ଥାନା ଇଲାକାରେ ଏକ ପ୍ଲଟ କିଣିଥିଲେ। ଉକ୍ତ ପ୍ଲଟଟିକୁ ତାଙ୍କର ଜଣେ ବନ୍ଧୁଙ୍କୁ ବିକ୍ରି କରିବା ପାଇଁ ବୁଲୁ ସେହି ମହିଳାଙ୍କୁ କହିଥିଲେ। ମହିଳା ରାଜି ନହେବାରୁ ବୁଲୁ ତାଙ୍କୁ ୨୦ ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ। ଦାଦାବଟି ନ ଦେଲେ ଉକ୍ତ ପ୍ଲଟକୁ ଆସିଲେ ଜୀବନରେ ମାରିଦେବାକୁ ବୁଲୁ ଉକ୍ତ ମହିଳାଙ୍କୁ ଧମକ ଦେଇଥିଲେ। ଶେଷରେ ମହିଳା ଜଣଙ୍କ ବାଧ୍ୟ ହୋଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ.୧୦/୨୪ରେ ଏକ ମାମଲା ରୁଜୁ କରି ବୁଲୁଙ୍କୁ ଧରିଥିଲା।

# ଗଜପତିର ପ୍ରକଳ୍ପ ଜାତୀୟସ୍ତରକୁ ଉନ୍ନୀତ

## ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରକଳ୍ପ

ପାରଳାଖେମୁଣ୍ଡି,୮।୧
(ଗିରିଧାରୀ ପରିଚ୍ଛା):

ଗଜପତି ଜିଲା ଗୋସାଣି ବ୍ଲକ ଅନ୍ତର୍ଗତ ରାଜୀବ ମେମୋରିଆଲ ଉଚ୍ଚ ବିଦ୍ୟାଳୟ,ଖରସଣ୍ଡା ତରଫରୁ ବାରିପଦାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରକଳ୍ପରେ ଭାଗ ନେଇଥିବା ମହିଳା ସୁରକ୍ଷା-ଯୋଗାଯୋଗ ଓ ପରିବହନ ପ୍ରକଳ୍ପଟି ଜାତୀୟସ୍ତରକୁ ଯୋଗ୍ୟ ବିବେଚିତ ହୋଇଛି। ଏହି ପ୍ରକଳ୍ପ କଲିକତାରେ ହେଉଥିବା ଜାତୀୟ ବାଲ ବୈଜ୍ଞାନିକ ବିଜ୍ଞାନ ପ୍ରଦର୍ଶନରେ ପ୍ରଦର୍ଶିତ ହେବ। ପ୍ରକଳ୍ପକୁ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଜି.ରେଣୁଶ୍ରୀ, ସହାୟିକା ଶିକ୍ଷୟିତ୍ରୀ ମଧୁସ୍ମିତା ତ୍ରିପାଠୀ ପ୍ରଦର୍ଶିତ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଜିଲା ବିଜ୍ଞାନ ସଂଯୋଜକ ଆମ୍ପୋଲୁ ରବି କୁମାର୍, ପ୍ରଧାନଶିକ୍ଷକଙ୍କ ସମେତ ସ୍କୁଲ କର୍ମକର୍ତ୍ତା,ଗ୍ରାମବାସୀ, ଅଭିଭାବକମାନେ ଖୁସି ବ୍ୟକ୍ତ କରିଛନ୍ତି। ଜିଲାପାଳ, ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ କୃତି ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବା ପାଇଁ 'ସନ୍ଦେଶ'

ବ୍ରହ୍ମପୁର,୮।୧(ସ୍ମୃତି ରଞ୍ଜନ ମହାଲିକ)- ଘୋଷଣା ପରେ ଘୋଷଣା ଚାଲିଛି। ପ୍ରଗତି ନାମରେ ଦୁର୍ଗତି ହେଉଛି। ଶିକ୍ଷା ଆଜି ବାଟ ହୁଡ଼ିଯାଉଛି। କର୍ପୂର ଉଡିଛି, କପର୍ଦ୍ଦକ ପଡିଛି। ବସୁଧୈବ କୁଟୁମ୍ବକମ ମନ୍ତ୍ର ବଦଳିଛି। ଶାସନ ପଦ୍ଧତି ମଧ୍ୟ ବଦଳିଛି। ଆମ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇବା ପାଇଁ ଆମ୍ଭେ ଉତ୍ତର ଦାୟାଦ ରୂପେ ନିଜକୁ ପ୍ରତିପାଦନ କରିବାକୁ ପଡିବା ଭଳି କଥାବସ୍ତୁକୁ ନେଇ ୭ମ ରାଜ୍ୟ ସ୍ତରୀୟ ତଥା ୩୩ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟାରେ ନାଟକ 'ସନ୍ଦେଶ' ମଞ୍ଚସ୍ଥ ହୋଇଛି। ବାରିପଦା ନୁପୁର ନାଟ୍ୟ ସଂସ୍ଥା ପକ୍ଷରୁ ଡ କୁମରମଣି ନାୟକଙ୍କ ଦ୍ୱାରା


ନାଟକର ଏକ ଦୃଶ୍ୟ।

ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ଜିତେନ୍ଦ୍ର କୁମାର ରାଉତ ନିର୍ଦ୍ଦେଶନା ଦେଇଥିଲେ। କୁମରମଣି ନାୟକ, ସିଦ୍ଧେଶ୍ୱର ବେହେରା, ସଂଜୀବ ରାଉତ ଓ ଅମିତ ଅରବିନ୍ଦ ନାୟକ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ନାଟକ ପୂର୍ବରୁ ଆୟୋଜିତ ସଭାରେ ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀର ଉପସଭାନେତ୍ରୀ କିରଣବାଳା ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ରୂପେ କବି ତଥା ଚକ୍ଷୁ ବିଶେଷଜ୍ଞ ଡା ରାଜେନ୍ଦ୍ର ବେହେରା, ବରିଷ୍ଠ ସମାଜିକକର୍ମୀ ଡା ଡି ଗୋଦାବରୀ ପାତ୍ର, ନାଟ୍ୟବିତ୍ କାହ୍ନୁ ଚୌଧୁରୀ, ସଂଗୀତ ନାଟକ ଏକାଡେମୀ ସଦସ୍ୟ ଅନୀଲ କୁମାର ପାତ୍ର ଓ ଜଗଦୀଶ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଆପା ରାଓ ଓ ଲୋକନାଥଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

